ଧରିତ୍ରୀ
DHARITRI
ଶନିବାର, ୨୭ ମାର୍ଚ୍ଚ, ୨୦୨୧

**ନିଖୋଜ ଶିଶୁ ଉଦ୍ଧାର**

**ପାରଳାଖେମୁଣ୍ଡି: (ଡି.ଏନ୍.ଏ.):** ଗଜପତି ଜିଲା ରାଇପଙ୍କା ଅଞ୍ଚଳରୁ ନିଖୋଜ ହୋଇଥିବା ଜଣେ ଶିଶୁକୁ ଅତବା ପୋଲିସ ଗୁରୁବାର ଉଦ୍ଧାର କରିଛି। ମହୋନା ଥାନା ମଳାସପଦର ପଞ୍ଚାୟତ କେହେଲିଗୁଡ଼ା ଗ୍ରାମର ଶିଶୁଟି ନିଖୋଜି ହୋଇଯାଇଥିବା ନେଇ ଚାଇଲ୍ଡ ଲାଇନରେ ଅଭିଯୋଗ ହୋଇଥିଲା। ଏନେଇ ମୋନହା ଚାଇଲ୍ଡ ଲାଇନ କର୍ମୀ ଟିଟି ମଲ୍ଲିକ ଅତବା ଥାନାରେ ଲିଖିତ ଏତଲା ଦେଇଥିଲେ। ନାବଳକଟି ରାଇପଙ୍କାଠାରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲା। ଖବରପାଇ ପୋଲିସ ସେଠାରେ ପହଞ୍ଚି ଶିଶୁକୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତିରେ ଉପସ୍ଥାନ କରାଯିବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।



## ଆଜି କ'ଣ କେଉଁଠି

ବ୍ରହ୍ମପୁର
- ସିନିୟର୍ ସିଟିଜେନ ଫୋରମ୍‌ର ବୈଠକ। ସ୍ଥାନ–ଟାଟାବେଞ୍ଚ ଛକ। ସମୟ–ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଜଙ୍ଗଲରେ ନିଆଁ ଲଗାଇ ଗୋରୁଚରାଳି ଗିରଫ

**ଭଞ୍ଜନଗର, ୨୬।୩(ଡି.ଏନ.ଏ):** ଗଞ୍ଜାମ ଜିଲା ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ କର୍ମଚାରୀ ଶୁକ୍ରବାର ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ଜଣେ ଗୋରୁ ଚରାଳିଙ୍କୁ ଗିରଫ କରିଛି। ସେ ହେଲେ ଇନ୍ଦାଗଡ଼ର ଯୋଗୀ ଗୌଡ଼ (୫୮)। ଓହ ଜଳଭଣ୍ଡାର ନିକଟରେ ଗୋରୁ ଚରାଉଥିବା ବେଳେ ଯୋଗୀ ଉକ୍ତ ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇ ଦେଇଥିଲେ। ସେ ସମୟରେ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ରେଞ୍ଜର ବିମ୍ବାଧର ସାହୁ ଏହି ସୂଚନା ପାଇବା ପରେ ତାଙ୍କ ନିର୍ଦ୍ଦେଶକ୍ରମେ ବନରକ୍ଷୀ ସୁଶିଲ ପ୍ରଧାନ ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯୋଗୀଙ୍କୁ କାବୁ କରିଥିଲେ। ତାଙ୍କୁ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, କେତେକ ଗୋରୁ ଓ ଛେଳି ଚରାଳି ନୂଆ ଘାସ ପାଇଁ ଜଙ୍ଗଲରେ ନିଆଁ ଲଗାଇ ପୋଡ଼ି ଦିଅନ୍ତି। ବର୍ଷା ହେଲେ ପୁଣି ନୂଆ ଘାସ ସୃଷ୍ଟି ହୁଏ। ପଅନ୍ୟପକ୍ଷରେ କେତକ ସ୍ଥାନରେ ଅସାମାଜିକ ବ୍ୟକ୍ତି ଜାଣିଶୁଣି ଜଙ୍ଗଲରେ ନିଆଁ ଲଗାଇଥାନ୍ତି।

### ମହିଳାଙ୍କୁ କମେଣ୍ଟ ମାରି ଯୁବକ ଗିରଫ

**ଛତ୍ରପୁର, ୨୬।୩ (ଡି.ଏନ.ଏ.):** ମହିଳାଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ଛତ୍ରପୁର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ବୃନ୍ଦାବନନଗରର ସିଦ୍ଧନାଥ ମହାପାତ୍ର। ମହିଳା ଜଣକ ଷ୍ଟାଡିୟମ ନିକଟକୁ ବ୍ୟାୟମ କରିବା ପାଇଁ ଆସୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ଅସଦ ବ୍ୟବହାର କରିବା ସହ କମେଣ୍ଟ ମାରିଥିଲେ। ଏନେଇ ମହିଳା ଜଣକ ଛତ୍ରପୁର ପୋଲିସକୁ ଅବଗତ କରାଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା। ନଂ.୧୩୫/୨୧ରେ ମାମଲା ରୁଜୁ କରାଯାଇ ଶୁକ୍ରବାର ସିଦ୍ଧନାଥଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି।

### ବାସ୍କେଟ ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ, ୨୬।୩:** ବ୍ରହ୍ମପୁର ମହାନଗର ବାସ୍କେଟବଲ ଆସୋସିଏଶନ ତରଫରୁ ଖଲ୍ଲିକୋଟ କଲେଜ ଖେଳ ପଡ଼ିଆରେ ଶୁକ୍ରବାର ବାସ୍କେଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି। କ୍ରୀଡ଼ାବିତ ଧାନଚାନ୍ଦ ମହାନ୍ତି, ନୀଳକଣ୍ଠ ମହାପାତ୍ର ଓ ଆଶିଷ ପାଣିଗ୍ରାହୀଙ୍କ ସ୍ମୃତିରେ ଏହି ପ୍ରତିଯୋଗିତା ହେଉଛି। ଏଥିରେ ୧୮ବର୍ଷରୁ କମ ବିଭାଗର ୬ ପୁରୁଷ ଓ ୩ ମହିଳା ଦଳ ଭାଗନେଇଛନ୍ତି। ଉଦଘାଟନୀରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ, ସମ୍ମାନିତ ଅତିଥି ଭାବେ ଭିଜିଲାନ୍ସ ଏସ୍‌ପି ସାନ୍ତୁନ ପାଢ଼ୀ, ବରିଷ୍ଠ ବାସ୍କେଟ ବଲ ଖେଳାଳି ସୁଧୀର କୁମାର ପରିଡ଼ା ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ପୁରୁଷ ବିଭାଗରେ ୟୁଆରଆଇ ଟିମ ୩୧ ପଏଣ୍ଟ ବ୍ୟବଧାନରେ କିନକଙ୍କୁ ହରାଇଥିଲା। ଦ୍ୱିତୀୟ ମ୍ୟାଚରେ ରୋକେର୍ସ ୩୯ ପଏଣ୍ଟରେ ଆରସିବିଙ୍କୁ ହରାଇ ବିଜୟୀ ହୋଇଥିଲା।

### କାମ କରୁନି ବ୍ୟାଙ୍କ ଲିଙ୍କ୍, ସମସ୍ୟାରେ ଉପଭୋକ୍ତା

**ରମ୍ଭା, ୨୬।୩:** ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳରେ ଥିବା ବ୍ୟାଙ୍କଗୁଡିକରେ ଲିଙ୍କ୍ ଫେଲ୍ ହେବାରୁ ଅସନ୍ତୋଷ କୁହୁଳିବାରେ ଲାଗିଛି। ଏଥିଯୋଗୁ ଦୂରଦୂରାନ୍ତରୁ ଆସଥିବା ଲୋକେ ଖରାରେ ବହୁ ହଇରାଣ ହେଉଛନ୍ତି। ଡିଜିଟାଲ ଇଣ୍ଡିଆ ମାଧ୍ୟମରେ ଆଣ୍ଡ୍ରଏଡ ସେଟରେ ଅଧିକାଂଶ ଗ୍ରାହକ ନିଜର ବ୍ୟାଙ୍କ ସେବାଠୁ ଆରମ୍ଭ କରି ଦୈନନ୍ଦିନ କାମ କରୁଥିବା ବେଳେ ଏବେ ନେଟୱର୍କ ସମସ୍ୟା ମୁଖ୍ୟ ହୋଇ ଠିଆ ହୋଇଛି। ବିଏସ୍‌ଏନଏଲ ମୋବାଇଲଗୁଡ଼ିକ ଲାଇନ୍ ଥିବା ସମୟରେ ଠିକ୍ କାମ କରୁଥିବା ବେଳେ ଲାଇନ କଟିଗଲା ପରେ ନେଟୱର୍କ ବନ୍ଦ ହୋଇଯାଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

# ମହାନଗରରେ ବନ୍ଦ ଶାନ୍ତିପୂର୍ଣ୍ଣ

## କିଷାନ ସଙ୍ଗଠନର ପିକେଟିଂ, କଂଗ୍ରେସର ଶଗଡ଼ ଶୋଭାଯାତ୍ରା

**ବ୍ରହ୍ମପୁର ଅଫିସ, ୨୬।୩**

କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ୍ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପ୍ରତିବାଦରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଅଖିଳ ଭାରତ କିଷାନ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଶୁକ୍ରବାର ଭାରତବନ୍ଦ ଡାକରା ଦିଆଯାଇଥିଲା। ଏହାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ ମଧ୍ୟ ସମର୍ଥନ କରିଥିଲା। ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ପଡିଛି। କିଷାନ୍ ସଂଗଠନର କର୍ମୀମାନେ ବ୍ରହ୍ମପୁର ରେଳ ଷ୍ଟେଶନ୍ ସମ୍ମୁଖରେ ପିକେଟିଂ କରି କେନ୍ଦ୍ର ସରକାର ବିରୋଧୀ ସ୍ଲୋଗାନ୍ ଦେଇ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ କରିଥିଲେ। କର୍ମୀମାନେ ଟ୍ରେନ୍ ଅଟକାଇବା ନିମନ୍ତେ ଷ୍ଟେଶନ ଭିତରେ ଧସେଇ ପଶିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ୍ ଅଟକାଇଥିଲା। ଏଥିଯୋଗୁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ସଂଗଠନ ପକ୍ଷରୁ ହିଲ୍‌ପାଟଣାଠାରୁ ବାଇକ୍ ରାଲି ବାହାରି ମୁଖ୍ୟ ଡ଼ାକ ଘର ସମ୍ମୁଖରେ ପିକେଟିଂ କରାଯାଇଥିଲା। ବନ୍ଦକୁ ସମର୍ଥନ ଜଣାଇ ସହରର ବିଭିନ୍ନ କାର୍ଯ୍ୟାଳୟ, ଦୋକାନ ବଜାର, ଶିକ୍ଷାନୁଷ୍ଠାନ ଗୁଡ଼ିକ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଆନ୍ଦୋଳନରେ କିଷାନ୍ ନେତା ବସନ୍ତ



ବ୍ରହ୍ମପୁରରେ ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ବାହାରିଥିବା ଶଗଡ଼ ଶୋଭାଯାତ୍ରା।

ନନ୍ଦ, ଭାଲ ଚନ୍ଦ୍ର ଷଡ଼ଙ୍ଗୀ, ଶଙ୍କର ସାହୁ, ପୂର୍ଣ୍ଣ ଚନ୍ଦ୍ର ପାଢି, ଜଗନ୍ନାଥ ମିଶ୍ର, ଗୋପାଳ ପାଣିଗ୍ରାହୀ, ପ୍ରକାଶ ପାତ୍ର, ପ୍ରତାପ ନାୟକ ଓ ସୁବାଷ ବିଶୋୟୀ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଜିଲା କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ କର୍ମୀମାନେ ଶଗଡ଼ରେ ଶୋଭାଯାତ୍ରାରେ ବାହାରି ବ୍ରହ୍ମପୁର ସହରର ସମସ୍ତ ଦୋକାନ ବଜାର ବନ୍ଦ କରିଥିଲେ। ନଗର କଂଗ୍ରେସ ସଭାପତି ସୁଜୟ କୁମାର ଆଚାର୍ଯ୍ୟ ନେତୃତ୍ୱରେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ କୃଷକ ସେଲ୍ ଓଡ଼ିଶା ପ୍ରଭାରୀ ରଶ୍ମି ରଞ୍ଜନ ପଟ୍ଟନାୟକ, ଜିଲା ଯୁବ କଂଗ୍ରେସ ସଭାପତି ଚିନ୍ମୟ କୁମାର ହୋତା, ଦେବାଶିଷ ମହାନ୍ତି, ଏସ୍.ଦଣ୍ଡପାଣି ପାତ୍ର, ସୁଜିତ୍ କୁମାର ଦାଶଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସେହିପରି ଗଞ୍ଜାମ ଜିଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାପତି ପୀତବାସ ପଣ୍ଡାଙ୍କ ନେତୃତ୍ୱରେ ବାଇକ୍ ଶୋଭାଯାତ୍ରା କରାଯାଇ ପ୍ରତିବାଦ କରାଯାଇଥିଲା। ବନ୍ଦ ଯୋଗୁ ବ୍ୟାଙ୍କ, ପେଟ୍ରୋଲ ପମ୍ପ ସମେତ ଯାତ୍ରୀ ବସ୍ ସେବା ଠପ୍ ହୋଇଥିଲା। ବହୁ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନେ ଅଟୋ ମାଧ୍ୟମରେ ନିଜ ନିଜର ଗନ୍ତବ୍ୟ ସ୍ଥଳରେ ପହଞ୍ଚିଥିଲେ।

# ୧୨୫ କେଜି ଗଞ୍ଜେଇ ଜବତ, ୬ ଗିରଫ

**ବ୍ରହ୍ମପୁର ଅଫିସ, ୨୬।୩**

ଅବକାରୀ ବିଭାଗ ଓ ପୋଲିସ ପୃଥକ ଭାବେ ଚଢ଼ାଉ କରି ମୋଟ ୧୨୫.୮୦ କେଜି ଗଞ୍ଜେଇ ଜବତ କରିଛନ୍ତି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

ସଦର ଥାନା ପୋଲିସ ମସିହାଖାଲି ବନ୍ଧ ନିକଟରେ ସନ୍ଦେହଜନକ ଭାବେ ଥିବା ଏକ ଅଟୋରୁ ୮୨.୮୦କେଜି ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୋଲସରାର ସନ୍ତୋଷ କୁମାର ଖଟେଇ, ବ୍ରହ୍ମପୁର ଗଜପତିନଗରର ଅରୁଣ କୁମାର ନନ୍ଦ ଓ ଅଟୋ ଚାଳକ ହଳଦିଆପଦରର ଏସ.ପ୍ରସାଦ ରାଓ। ପୋଲିସକୁ ଦେଖି ଅନ୍ୟ ଜଣେ ଚମ୍ପଟ ମାରିଛନ୍ତି। ମାମଲା ନଂ. ୮୫/୨୧ରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ମୋହନା ଅଞ୍ଚଳରୁ ଆସିଥିବା ଏହି ଗଞ୍ଜେଇ ବ୍ରହ୍ମପୁରରେ ପ୍ୟାକିଂ ହୋଇ ଅନଲାଇନରେ ବିକ୍ରି ହୋଇଥାନ୍ତା ବୋଲି ଜେରାରୁ ଜଣାପଡ଼ିଛି। ସେହିପରି ଗଜପତିରୁ ଗଞ୍ଜେଇ ଭୁବନେଶ୍ୱର ଚାଲାଣ ହେଉଥିବା ଅବକାରୀ ଗୋଇନ୍ଦା ବିଭାଗ ଖବର ପାଇଥିଲା। ଶୁକ୍ରବାର ସକାଳେ ଲାଞ୍ଜିପଲ୍ଲୀ ବାଇପାସରେ ବସକୁ ଅପେକ୍ଷା କରିଥିବା ୩ ଯୁବକଙ୍କୁ ପଚରାଉଚରା ବେଳେ ସେମାନେ ଗଞ୍ଜେଇ ଚାଲାଣ କରୁଥିବା ଜଣାପଡିଥିଲା। ସେଠାରେ ଥିବା ୩ଟି ଅଖା ଅବକାରୀ ବିଭାଗ ଯାଞ୍ଚ କରବାରେ ୪୩ କେଜି ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ୩ ଯୁବକ ପଶ୍ଚିମବଙ୍ଗ ବର୍ଦ୍ଧମାନର ରବିନ ଉଲ ସଲାମ, ମଧ୍ୟପ୍ରଦେଶର ଏହେମଦପୁର ଗ୍ରାମର ରାମ ସିଂ ଓ ରାୟଗଡ଼ା ଜିଲା ପଦ୍ମପୁରର ସୋମନାଥ ଶବରଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ କହିଛନ୍ତି।

# ଅସ୍ଥାୟୀ ମଣ୍ଡପରେ ଛାମୁଣ୍ଡିଆ କାମ ଆରମ୍ଭ


ନିର୍ମାଣାଧୀନ ଅସ୍ଥାୟୀ ମଣ୍ଡପ।

## ବୁଢ଼ୀ ଠାକୁରାଣୀ ଯାତ୍ରା

**ବ୍ରହ୍ମପୁର ଅଫିସ, ୨୬।୩**

ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଏପ୍ରିଲ ୯ ତାରିଖରୁ ଆରମ୍ଭ ହେବ। ଏଥିଲାଗି ଦେଶୀ ବେହେରା ସାହିଠାରେ ଅସ୍ଥାୟୀ ମଣ୍ଡପ ପ୍ରସ୍ତୁତି କାମ ଜୋର ଧରିଛି। ଶୁକ୍ରବାର ଛାମୁଣ୍ଡିଆ କାମ ଆରମ୍ଭ ହୋଇଛି। ଏଥିପାଇଁ ବନ୍ଥପଲୀ ନିକଟସ୍ଥ ବିକାଶପୁର ଅଞ୍ଚଳରୁ ବାଉଁଶ ଆସିଛି। ଶନିବାର ମା'ଙ୍କ ଅସ୍ଥାୟୀ ମଣ୍ଡପ ନିର୍ମାଣ ହେବ ବୋଲି ଯାତ୍ରା ପରିଚାଳକ ପି. ଦୁର୍ଗା ପ୍ରସାଦ ଦେଶୀବେହେରା ସୂଚନା ଦେଇଛନ୍ତି। ଚଳିତବର୍ଷ କଟକଣା ମାଧ୍ୟମରେ ଯାତ୍ରା ପରିଚାଳିତ ହେବା ନେଇ ଦେଶୀ ବେହେରା କହିଛନ୍ତି। ବିଏମ୍‌ସି ପକ୍ଷରୁ ଜାରି କୋଭିଡ୍ ଗାଇଡ୍ ଲାଇନ୍ ପାଳନ କରାଯିବ ବୋଲି କହିଛନ୍ତି।

# ଗଞ୍ଜାମ ଜିଲା ଓଏଏସ୍ ସଂଘ ବୈଠକ


ବୈଠକରେ ଉପସ୍ଥିତ ଏଡିଏମ ଓ ଅନ୍ୟମାନେ।

## ପ୍ରମୋଶନ ବନ୍ଦକୁ ବିରୋଧ

**ଛତ୍ରପୁର, ୨୬।୩ (ଡି.ଏନ.ଏ.)**

ଗଞ୍ଜାମ ଜିଲା ଓଏଏସ ସଂଘ ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ତଥା ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧକ୍ଷତା କରିଥିଲେ। ରାଜ୍ୟ ସରକାର ୧୫୦ଟି ଆସିଷ୍ଟାଣ୍ଟ ସେକ୍ରେଟାରୀ ଓ ୧୧୦ଟି ଯୁଗ୍ମ ସେକ୍ରେଟାରୀ ଅସ୍ଥାୟୀ ପଦବୀ ନିଯୁକ୍ତି କରିବାକୁ ଯାଉଛନ୍ତି। ଏକ ବର୍ଷ ପର୍ଯ୍ୟନ୍ତ ପ୍ରମୋଶନ ବନ୍ଦ ରହିବ। ଏହି ନିଷ୍ପତ୍ତିକୁ ଗଞ୍ଜାମ ଜିଲା ଓଏଏସ ସଂଘ ବିରୋଧ କରିଛି। ସମସ୍ତ ପଦବୀ ନିୟମିତ କରିବା ସହ ସମସ୍ତ ଓଏଏସଙ୍କ ସ୍ୱାସ୍ଥ୍ୟ କାର୍ଡ କରିବାକୁ ଦାବି କରାଯାଇଛି। ଏ ନେଇ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ, ୫–ଟି ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ଝାରବନ୍ଧ ବିଡିଓ ରୁନୁ ଲାକ୍ରାଙ୍କ ଦେହାନ୍ତ ହୋଇଥିବାରୁ ବୈଠକରେ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଓଏଏସ ସଂଘ କଲ୍ୟାଣ କମିଟି ଅଧକ୍ଷ ତଥା ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଅମୀୟ କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ତହସିଲଦାର ନୀଳମାଧବ ଭୋଇ, ଡେପୁଟି କଲେକ୍ଟର ଡ. ଦିବ୍ୟଲୋଚନ ମହନ୍ତ, ଜିଏମ ଡିଆଇସି ଅନାମ ଚରଣ ପାତ୍ର, ଡେପୁଟି କଲେକ୍ଟର ଡ. ବିଜୟାନନ୍ଦ ସେଠୀ, ତହସିଲଦାର ବ୍ରହ୍ମପୁର ସିପକ କୁମାର ପାତ୍ର, ସହକାରୀ ଉପଜିଲାପାଳ ସରୋଜ କୁମାର ଦାଶ, ଡେପୁଟି କଲେକ୍ଟର ସିସ୍ମାରାଣୀ ଧଳ, ଏଲଏଓ ରାଜ କିଶୋର ଜେନା, ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ, ଡୁଡା ପିଡି ସୁଦାମ ଚରଣ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

### ବଢ଼ୁଛି ଚୋରି, ସୁରାକ୍ ପାଉନି ପୋଲିସ

**ବ୍ରହ୍ମପୁର ଅଫିସ, ୨୬।୩**

ବ୍ରହ୍ମପୁର ପୋଲିସ ଜିଲାରେ ଗତ କିଛିଦିନ ହେଲା ଚୋରି ଘଟଣା ବଢ଼ିବାରେ ଲାଗିଛି। ଚୋରଙ୍କୁ ଧରିବା ପୋଲିସ ପାଇଁ ଏବେ ଚାଲେଞ୍ଜ ହୋଇପଡିଛି। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ କେତେଜଣ ବଛା ବଛା ପୋଲିସ ଅଧିକାରୀଙ୍କୁ ନେଇ ୩ଟି ଟିମ ଗଠନ ହୋଇଛି। ଏହାସତ୍ତ୍ୱେ ବି ସହର ଓ ସହରତଳି ଅଞ୍ଚଳରେ ଚୋରି ବନ୍ଦ ହେଉନାହିଁ। ଗୁରୁବାର ବିଳମ୍ବିତ ରାତିରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୋର୍ଟପେଟା ଛକରେ ଥିବା ଏକ ଷ୍ଟେସନେରୀ ଦୋକାନ ଶଟର ତାଡି ଲୁଟିଆ ଗ୍ୟାଙ୍ଗ ପ୍ରାୟ ୨୦ ହଜାର ଟଙ୍କା ଓ ବିଭିନ୍ନ ସାମଗ୍ରୀ ଲୁଟିଛନ୍ତି। ଶୁକ୍ରବାର ସକାଳେ ଦୋକାନ ମାଲିକ ସୁକାନ୍ତ କୁମାର ବାହିନୀପତି ଏହା ଜାଣିବା ପରେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଦୋକାନ ନିକଟରେ ଥିବା ଏକ ବ୍ୟାଙ୍କର ସିସି ଟିଭି ଫୁଟେଜ ଯାଞ୍ଚ କରୁଛି।

### ଫାଇନାଲରେ ପାୱାର କ୍ରିକେଟ କ୍ଲବ

**ହିଞ୍ଜିଳିକାଟୁ, ୨୬।୩ (ଡ଼ି.ଏନ୍.ଏ)**

ହିଞ୍ଜିଳିକାଟୁରେ ଚାଲିଥିବା ପ୍ରିୟଦର୍ଶୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଆସିକାର ଅମରନାଥ କ୍ଲବ ଓ ପାୱାର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ପାୱାର କ୍ରିକେଟ ବିଜୟୀ ହୋଇ ଫାଇନାଲରେ ପହଞ୍ଚିଛି। ବିଜୟୀ ଦଳର ବାବୁଲି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଯୁବ ସମାଜିକ କର୍ମୀ ଅଜୟ କୁମାର ମହାରଣା ଶୁକ୍ରବାର ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶାନ୍ତ ପ୍ରଧାନ ଓ ରଜତ ପ୍ରଧାନ ଆମ୍ପାୟର ଦାୟିତ୍ୱ କରିଥିବା ବେଳେ ସ୍କୋରର ଥିଲେ ଆଦିତ୍ୟ ସାହୁ।

# ଗାନ୍ଧିଜୀଙ୍କ ଆଗମନର ଶତବାର୍ଷିକୀ ପାଳିତ



ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ୍ ପକ୍ଷରୁ ବାହାରିଥିବା ପଦଯାତ୍ରା।

**ବ୍ରହ୍ମପୁର ଅଫିସ, ୨୬।୩**

ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ଶତବାର୍ଷିକୀ ପାଳନ ଅବସରରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ୍ ଓ ଫୋରମ୍ ଫର୍ ଗଞ୍ଜାମର ମିଳିତ ସହଯୋଗରେ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ଶୁକ୍ରବାର ଅନୁଷ୍ଠାନ ପକ୍ଷରୁ ଏକ ପଦଯାତ୍ରା ହୋଇଥିଲା। ଏଥିରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଯୋଗ ଦେଇଥିଲେ। ପଦଯାତ୍ରା ମାଧ୍ୟମରେ ହରିଜନ ବସ୍ତିରେ ମହିଳା ସଶକ୍ତୀକରଣ, ଶିକ୍ଷା ତଥା ବୈଜ୍ଞାନିକ ଚିନ୍ତାଧାରାର ପ୍ରସାର ଓ ନିଶା ମୁକ୍ତି ସଂପର୍କରେ ସଚେତନ କରି ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସାମନ୍ତରା ଆହ୍ୱାନ ଦେଇଥିଲେ। ଏଥିସହ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଓ ପରିବେଶ ସମ୍ବନ୍ଧିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରିବେଶବିତ୍ ତଥା ଜିଲା ଇକୋ କ୍ଲବ୍ ସଂଯୋଜକ ଡ.ଶଙ୍କର ନାରାୟଣ ବେଜ୍ ଏଥିରେ ଅଧ୍ୟକ୍ଷତା କରି ପରିବେଶ ଅସନ୍ତୁଳନତା ଓ ଏହାର ପ୍ରତିକାର ସଂପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ରୂପେ ପ୍ରଫୁଲ୍ଲ ସାମନ୍ତରା ଯୋଗ ଦେଇ ସାମ୍ପ୍ରତିକ ସମୟରେ ଗାନ୍ଧୀଙ୍କ ଆଦର୍ଶବାଦ ହିଁ ବିଶ୍ୱକୁ ରକ୍ଷା କରିପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇ.ଟି.ରାଓ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ବାଳକୃଷ୍ଣ ବିହାରୀ, ବାସୁଦେବ ସାହୁକାର, ସ୍ୱରାଜ୍ୟ ସୁବୁଦ୍ଧି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ୮୦୬ ଅବିବାହିତ ମହିଳାଙ୍କୁ ମାସିକ ପେନ୍‌ସନ

## ବିଏମ୍‌ସିରୁ ପ୍ରତି ମାସରେ ଦିଆଯାଉଛି ୫୦୦ ଟଙ୍କା

**ବ୍ରହ୍ମପୁର ଅଫିସ, ୨୬।୩**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ରେ ଚଳିତ ମାର୍ଚ୍ଚ ସୁଦ୍ଧା ୮୦୬ ଅବିବାହିତା ମହିଳାଙ୍କୁ ମିଳୁଛି ମାସିକ ପେନ୍‌ସନ। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ମଧୁବାବୁ ପେନ୍‌ସନ ଯୋଜନାରେ ବିଏମ୍‌ସି ପକ୍ଷରୁ ସେମାନଙ୍କୁ ପ୍ରତି ମାସରେ ୫୦୦ ଟଙ୍କା ଲେଖାଏ ଦିଆଯାଉଛି। ୩୦ ବର୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି।

ସୂଚନାଯୋଗ୍ୟ, ମହାନଗର ନିଗମର ପୂର୍ବ ନିର୍ବାଚିତ ପରିଷଦ ବେଳେ ୨୦୧୬ରେ ଏହି ଯୋଜନା ଆରମ୍ଭ କରାଯାଇଥିଲା। ପ୍ରଥମେ ସେମାନଙ୍କୁ ନଗଦ ଆକାରରେ ଅର୍ଥ ଦିଆଯାଉଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟାଙ୍କ ଖାତାରେ ପୈଠ କରାଯାଉଛି।

ସେହିପରି ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ୩,୨୩୭ ଗରିବ ବୃଦ୍ଧା ଓ ବୃଦ୍ଧଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ମାସିକ ୫୦୦ ଟଙ୍କା ଲେଖାଏ ଦିଆଯାଉଛି। ସହରର ୨୦୨୩ ବିଧବାଙ୍କୁ ମଧ୍ୟ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ସମ ପରିମାଣର ଭତ୍ତା ପ୍ରତି ମାସରେ ଦିଆଯାଉଛି। ଏହା ସହ ୧,୭୬୯ ଭିନ୍ନକ୍ଷମ ମହିଳା ଓ ପୁରୁଷ ମାସିକ ଭତ୍ତା ପାଇବାର ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ ଯେଉଁ ହିତାଧିକାରୀଙ୍କ ବୟସ ୮୦ ଟପିଛି, ସେମାନଙ୍କୁ ମାସିକ ୭୦୦ ଟଙ୍କା ଦିଆଯାଉଛି। ଏହି ସଂଖ୍ୟା ୮୬ ବୋଲି ବିଏମ୍‌ସି ସୂତ୍ରରୁ ଜଣାପଡ଼ିଛି। ବିବାହ ବିଚ୍ଛେଦ ଓ ସ୍ୱାମୀ ପରିତ୍ୟକ୍ତା ୧୦୦ ମହିଳା ମଧୁବାବୁ ପେନ୍‌ସନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବାରୁ ସେମାନେ ମଧ୍ୟ ମାସିକ ପେନ୍‌ସନ ପାଉଛନ୍ତି। ୨୦୨୧–୨୨ ଆର୍ଥିକ ବର୍ଷରୁ ନୂଆ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

# ଭାଷା ବିଜ୍ଞାନ ବିଭାଗର ୱେବିନାର

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ବ୍ରହ୍ମପୁର ଅଫିସ, ୨୬।୩**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାଷା ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ଜାତୀୟ ସ୍ତରୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଗୋଟିଏ କ୍ଷୁଦ୍ର ଭାଷିକ ଅଞ୍ଚଳ ଶୀର୍ଷକ ଉପରେ ଏଥିରେ ଆଲୋଚନା ହୋଇଥିଲା। ପ୍ରଫେସର ଡ. ଅନୁପ କୁମାର କୁଜୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ୱେବିନାରକୁ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ଅରୁନ୍ଧତୀ ରଥ ଉଦଘାଟନ କରିଥିଲେ। ଆନ୍ଧ୍ର ପ୍ରଦେଶ ସେଞ୍ଚୁରିୟାନ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତର ପରମ୍ପରା, ଐତିହ୍ୟ ଏବଂ ବହୁଭାଷି ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାନପୁରସ୍ଥିତ ଆଇଆଇଟି ଇଂଲିଶ ଓ ଭାଷା ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ବି. ଏନ୍. ପଟ୍ଟନାୟକ, ମଥୁରା ଜି.ଏଲ୍.ଏ ବିଶ୍ୱବିଦ୍ୟାଳୟ ଇଂଲିଶ ଓ ଭାଷା ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ପଞ୍ଚାନନ ମହାନ୍ତି, ଭୁବନେଶ୍ୱର ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ହିନ୍ଦୀର ଆଞ୍ଚଳିକ ନିର୍ଦ୍ଦେଶକ ଡ.ରଞ୍ଜନ କୁମାର ଦାସ ଯୋଗଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ ଚକ୍ରପାଣିଙ୍କ ସମେତ ପ୍ରାୟ ୮୦ ଜଣ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଓ ଗବେଷିକା ଗବେଷକମାନେ ଯୋଗଦେଇଥିଲେ।

### ସୋନପୁର–କଟକ ଫାଇନାଲ ଆଜି

ବିଜୁ ସ୍ମାରକୀ ଫୁଟବଲ୍ ଟୁର୍ନାମେଣ୍ଟ

**ଛତ୍ରପୁର, ୨୬।୩ (ଡି.ଏନ.ଏ.)**

ଛତ୍ରପୁରଠାରେ ଜିଲା ପ୍ରଶାସନ ସହଯୋଗରେ ବିଜୁ ସ୍ମାରକୀ ଓ ୟୁରୋ ସ୍କୁଲର ମିଳିତ ଆନୁକୁଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ବିଜୁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ କୋରାପୁଟ ଓ କଟକ ମଧ୍ୟରେ ହୋଇଥିଲା। ଏଥିରେ କଟକ ଦଳ ୧–୦ ରେ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ ସୋନପୁର ଓ କିଶୋର କ୍ଲବ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଏଥିରେ ସୋନପୁର ଦଳ ୩–୦ରେ ବିଜୟୀ ହୋଇଛି। ଶନିବାର କଟକ ଓ ସୋନପୁର ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ଉଦ୍‌ଯାପନୀ ସନ୍ଧ୍ୟାରେ 'ହାଇୱେ କୀଳା' ମଞ୍ଚସ୍ଥ

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ


ନାଟକର ଏକ ଦୃଶ୍ୟ।

**ବ୍ରହ୍ମପୁର ଅଫିସ, ୨୬।୩**

ଓଡ଼ିଶା ନାଟକ ସମାରୋହ ସମିତି ପକ୍ଷରୁ ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ଚାଲିଥିବା ରାଜ୍ୟ ସ୍ତରୀୟ ନାଟକ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଶେଷ ସନ୍ଧ୍ୟାରେ ରାଉରକେଲା କଳିଙ୍ଗ କଳା ପରିଷଦ ପକ୍ଷରୁ 'ହାଇୱେ କୀଳା' ନାଟକ ମଞ୍ଚସ୍ଥ ହୋଇଥିଲା। ଏହାର ନାଟ୍ୟକାର ଥିଲେ ଡ.ସଞ୍ଜୟ ହାତୀ। ଉମାଶଙ୍କର ପଣ୍ଡା ନିର୍ଦ୍ଦେଶନା ଦେଇଥିଲେ। ଯୁବପୀଢ଼ି ଅନ୍‌ଲାଇନ୍ ଠକାମୀର ଶୀକାର ନ ହୋଇ କିଭଳି ନିଜସ୍ୱ କର୍ମ ମାଧ୍ୟମରେ ଉପାର୍ଜନ କରିବେ ତାହା ଏହି ନାଟକର ବିଷୟବସ୍ତୁ ଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶା ନାଟକ ସମାରୋହ ସମିତି ଆବାହକ ଅଳି କିଶୋର ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ମୁଖ୍ୟଅତିଥି, ନାଟ୍ୟଶ୍ରୀ ଫାଉଣ୍ଡେସନ୍ ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ନାଟକ ସମାରୋହ ସମିତିର ସଭାପତି ଅନିଲ କୁମାର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ନିର୍ଦ୍ଦେଶକ ମଦନ ମିଶ୍ରଙ୍କ ସମେତ ଡ.ମିହିର କୁମାର ତ୍ରିପାଠୀ, ସୁନୀଲ କୁମାର ସ୍ୱାଇଁ, ଶଙ୍କର୍ଷଣ ସାବତ, କୈଳାସ ପାଣିଗ୍ରାହୀ, ବେବି ହାଲଦାର୍, ବିନାୟକ ହୋତା, ରବିନ୍ଦ୍ର କୁମାର ନାୟକଙ୍କ ସମେତ ନାଟକ ସମାରୋହ ସମିତିର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

